ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ଜାନୁୟାରୀ ୧୯ /୨୦୧୮ (୧୬ ପୃଷ୍ଠା) Rayagada, Friday, January 19 / 2018



# ପ୍ରାଚୀର ଓ ସୀମାରେଖା

**ପ୍ର. ସଚ୍ଚିଦାନନ୍ଦ ମହାନ୍ତି**

ସ୍ଥାପତ୍ୟକଳାର ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ପ୍ରାଚୀର। କ୍ଷେତ୍ରର ସୀମା ନିର୍ଦ୍ଧାରଣ କରିବା ପାଇଁ ପ୍ରାଚୀରଗୁଡ଼ିକ ବ୍ୟବହୃତ ହୋଇଥାଏ। ଏହା ନିଜସ୍ୱ ଅଧିକାରକୁ ସୁନିଶ୍ଚିତ କରେ ଏବଂ ଅନ୍ତେବାସୀଙ୍କ ସୁରକ୍ଷା ନିର୍ଦ୍ଧାରଣ କରେ। 'ଆମେ' ଓ 'ତୁମେ'ର ପାର୍ଥକ୍ୟକୁ ଘୋଷଣା କରେ।

ସୀମା ପ୍ରାଚୀର ସହ ଏକ ପ୍ରବେଶପଥ ମଧ୍ୟ ରହିଥାଏ, ଯାହା କି ନୀରବରେ ବହିର୍ବାସୀଙ୍କୁ ଏକ ଅର୍ଦ୍ଧ-ଆଇନଗତ ସୂଚନା ପ୍ରଦାନ କରିଥାଏ ଯେ, ପ୍ରବେଶ ଅଧିକାର ସଂରକ୍ଷିତ। ଏହାର ଅତିକ୍ରମଣ ଦଣ୍ଡନୀୟ। ତେଣୁ ସମସ୍ତ ଅନୁଷ୍ଠାନ ଏକ ସୀମାପ୍ରାଚୀର ଅବଶ୍ୟ ନିର୍ମାଣ କରନ୍ତି। ସୁଦୂର ଅତୀତରେ ମଧ୍ୟ, ଗ୍ରୀକ୍ ନଗର-ରାଜ୍ୟ ଯେପରି କି ଏଥେନ୍ସ, ସ୍ପାର୍ଟା ଏବଂ ଥେବ୍ସରେ ପ୍ରାଚୀର ନିର୍ମାଣର ଉଦାହରଣ ଦେଖାଯାଏ।

ସଂସଦର ୨୦୦୯ ଅଧିନିୟମ ଦ୍ୱାରା ଦକ୍ଷିଣ ଓଡ଼ିଶାର କୋରାପୁଟ ଜିଲାରେ ପ୍ରତିଷ୍ଠିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା ମଧ୍ୟ ପୁରାତନ ନଗର ପରିକଳ୍ପନା ଏବଂ ସ୍ଥାପତ୍ୟକଳା ଅନୁକରଣ କରୁଥିଲା। ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତାଗଣଙ୍କର ପ୍ରଥମ କାର୍ଯ୍ୟଧାରା ଥିଲା ଏକ ପ୍ରାଚୀର ନିର୍ମାଣ। ଏହି ପ୍ରାଚୀର ପର୍ବତଗୁଡ଼ିକ ମଧ୍ୟଦେଇ ଯାଉଥିଲା ଏବଂ ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକର ସୀମାରେଖା ନିର୍ଦ୍ଧାରଣ କରୁଥିଲା। ଏହି ବିଶ୍ୱବିଦ୍ୟାଳୟର ପ୍ରତିବେଶୀ ଭାବରେ ପାଞ୍ଚୋଟି ଗ୍ରାମ ରହିଛି।

ଏହି ଗ୍ରାମଗୁଡ଼ିକ ଭୌଗୋଳିକ ଏବଂ ଭୂମି ସଂପଦ ବିଷୟରେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପରିସରର ଅବିଚ୍ଛେଦ୍ୟ ଅଙ୍ଗ ଥିଲେ। ଏହା ଅତ୍ୟନ୍ତ ସ୍ୱାଭାବିକ ମଧ୍ୟ। ତା' ମଧ୍ୟରୁ ଅତି କମ୍‌ରେ ତିନୋଟି ଗ୍ରାମକୁ ଚଳାଚଳ ପାଇଁ ମାର୍ଗ ମଧ୍ୟ ଏହି ପରିସର ମଧ୍ୟ ଦେଇ ଯାଇଥିଲା।

ତା ୦୭।୦୮।୨୦୧୫ରେ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସ୍ଥାୟୀ କୁଳପତି ଭାବରେ ଯୋଗଦେବା ପୂର୍ବରୁ ଏହା ଘଟି ଯାଇଥିଲା।

ଅଧିକାଂଶ ନୀତି ଯୋଜନାକାରୀ ଏକ ସୀମା ପ୍ରାଚୀରର ଆବଶ୍ୟକତା ଅନୁଭବ କଲେ। କିନ୍ତୁ ସେମାନେ ବିପରୀତ ଦିଗ ପ୍ରତି ମଧ୍ୟ ସଚେତନ ଥିଲେ। ପ୍ରାଚୀର ବହିର୍ବାସୀ ଏବଂ ଅନ୍ତେବାସୀ ଏହିପରି ଦୁଇ ଭାଗରେ ବିଭକ୍ତ କରିଦିଏ। ନିକଟ ଅତୀତରେ ଏହି ସତ୍ୟ, ଏକ ଯନ୍ତ୍ରଣାଦାୟକ ସତ୍ୟରୂପେ ମୋ ସମ୍ମୁଖକୁ ଆସିଲା।

ଦିନେ ମୁଁ ବିଶ୍ୱବିଦ୍ୟାଳୟର ନିର୍ମାଣ ଯନ୍ତ୍ରୀଙ୍କଠାରୁ ଏକ ଚରମ ସଂକଟରେ ବାର୍ତ୍ତା ପାଇଲି ଯେ, କିଛି ଗ୍ରାମବାସୀ ବିଶ୍ୱବିଦ୍ୟାଳୟର କର୍ମୀଙ୍କୁ ପାଚେରି ନିର୍ମାଣରେ ବିରୋଧ କରୁଛନ୍ତି। ନିରାପତ୍ତା ଦୃଷ୍ଟିରୁ ସାବଧାନ ହୋଇ ଏବଂ ଆଇନର ଠିକ୍ ଦିଗରେ ଥାଇ କାମ କରିବା ଉଦ୍ଦେଶ୍ୟ ନେଇ ମୁଁ ଆଞ୍ଚଳିକ ପୋଲିସ୍ ବଳକୁ ଖବର ଦେଲି। ୫୦ ଜଣ ଗ୍ରାମବାସୀଙ୍କୁ ନେଇ ଏକ ଦଳ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ବଦ୍ଧପରିକର ଥିଲେ।

ମୁଁ ଗ୍ରାମବାସୀଙ୍କୁ ଓଡ଼ିଆରେ ସମ୍ବୋଧିତ କଲି ଏବଂ ଘୋଷଣା କଲି- ଏହା ଆମର ସଂପତ୍ତି। ଆମର ଛାତ୍ରୀଛାତ୍ର ଏବଂ କର୍ମକର୍ତ୍ତାଙ୍କ ନିରାପତ୍ତା ନିମନ୍ତେ ଏଠାରେ ଏକ ପାଚେରି ନିର୍ମାଣ କରିବାର ଅଧିକାର ଆମକୁ ଆଇନ ଦେଇଛି। ଗ୍ରାମବାସୀ ରାଜି ହେଲେ ନାହିଁ। ମୁଁ ପୋଲିସକୁ ଛିଡ଼ା କରାଇ ମୋ ସ୍ୱର ଉତ୍ତୋଳନ କଲି।

ହଠାତ୍ ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରୁ ଜଣେ ଧାଡ଼ି ଭାଙ୍ଗି ଆଗକୁ ଆସିଲେ ଏବଂ ଧୀର ଓ ଦୃଢ଼ କଣ୍ଠରେ କହିଲେ, "ବାବୁ, କୁହ ଆମେ ବଞ୍ଚିବୁ କେମିତି? ତୁମେ ଆମ ଗୋରୁମାନଙ୍କୁ ଏହି ଜମିରେ ଚରିବାକୁ ନେବାକୁ ପ୍ରତିରୋଧ କଲ। ଯେଉଁ ଝରଣା ପୂର୍ବପୁରୁଷ ଅମଳରୁ ଆମ ପାନୀୟ ଜଳର ଉତ୍ସ ଥିଲା, ତାହାକୁ ଅବରୋଧ କରାଗଲା। ଯେଉଁ ଜମିରେ ଆମେ ଚାଷକରି ଶସ୍ୟ ଉପୁଜାଉଥିଲୁ, ତାହା ଆମକୁ ମନା କରାଗଲା। ଆମକୁ କୁହ ଆମେ କ'ଣ କରିବୁ?"

ମୁଁ ବାସ୍ତବରେ ଅବାକ୍ ହୋଇଗଲି ଏବଂ ବୁଝିପାରିଲି ନାହିଁ କେଉଁ ପ୍ରକାରର ପ୍ରତିକ୍ରିୟା ଦେବି। ସ୍ଥାନାନ୍ତରର ଯନ୍ତ୍ରଣା ସମ୍ପର୍କରେ ସଚେତନ ହେଲି। ପ୍ରାଚୀର ଆଉ କୌଣସି ମଙ୍ଗଳକାରୀ କାର୍ଯ୍ୟ ହୋଇ ରହି ନ ଥିଲା।

ମୋ ପାଖକୁ କିଛିଟା ସମାଧାନର ବିକଳ୍ପ ଆସିଥିଲା, କିନ୍ତୁ ମୁଁ ଗ୍ରାମବାସୀଙ୍କୁ ଏପରି ଏକ ସମାଧାନ କହିଲି, ଯା'ଦ୍ୱାରା ମୁଁ ନିଜକୁ ମଧ୍ୟ ଚକିତ ଅବସ୍ଥାରେ ଆବିଷ୍କାର କଲି। ମୁଁ କହିଲି, 'ଦ୍ୱିତୀୟ ପରିସର ମଧ୍ୟକୁ ପ୍ରବେଶ ପଥ ବନ୍ଦ କରିବି ନାହିଁ, ଯେଉଁ ପର୍ଯ୍ୟନ୍ତ ମୁଁ ଗ୍ରାମବାସୀଙ୍କ ଅତ୍ୟାବଶ୍ୟକ ଆବଶ୍ୟକତା ଯଥା ଜଳ, ବିଦ୍ୟୁତ୍, ଶୌଚାଳୟ ଇତ୍ୟାଦିର ବ୍ୟବସ୍ଥା କରିବାରେ ସକ୍ଷମ ନ ହୋଇଛି, ମୁଁ ଏକ ଗ୍ରିଲ୍ ଗେଟ୍‌ର ସ୍ଥାପନା କରିବି ଏବଂ ଏହାର ଚାବି ଗ୍ରାମବାସୀଙ୍କ ପାଇଁ ଉଦ୍ଦିଷ୍ଟ ରହିବ।'

ଏହି ସମାଧାନ ଅତ୍ୟନ୍ତ ସରଳ ଥିଲା ଏବଂ ଅନ୍ୟମାନଙ୍କ ସହ ମୋତେ ମଧ୍ୟ ଚକିତ କରିଦେଲା। ଧୀରେ ଧୀରେ ଜନଗହଳି ଭାଙ୍ଗିବାକୁ ଆରମ୍ଭ କଲା।

ସେବେଠୁ ଆରମ୍ଭ କରି ଏ ଯାବତ୍ ମୁଁ ମୋର ଛାତ୍ରୀଛାତ୍ର ଏବଂ କର୍ମକର୍ତ୍ତାଙ୍କୁ ଗ୍ରାମବାସୀଙ୍କ ସହ କଥାବାର୍ତ୍ତା ହେବାରେ ଉତ୍ସାହିତ କରିଛି। ଶିକ୍ଷା ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକ ଆଞ୍ଚଳିକ ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟ, ପରିମଳ, ପ୍ରୌଢ଼ଶିକ୍ଷା ଆଦି କାର୍ଯ୍ୟକ୍ରମ କରୁଛନ୍ତି। ଏହା ଆମର ମଧ୍ୟ ଉନ୍ନତିର କାରଣ ହୋଇଛି।

ଏହି ଘଟଣା ମୋତେ ଅଧିକ ବିଜ୍ଞ କରିପାରିଛି। ସମୟ ଆସିଯାଇଛି, ସୀମା ପ୍ରାଚୀର ସଂପର୍କରେ କମ୍ ଚିନ୍ତା କରିବା ଏବଂ ଆଞ୍ଚଳିକ ଅନୁଷ୍ଠାନଗୁଡ଼ିକ ସହ ଭାବ ବିନିମୟ କରିବାର।

କୁଳପତି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ଓଡ଼ିଶା, କୋରାପୁଟ,
email: sachimohanty@yahoo.co.in